# NATIONAL NEWS BULLETIN (ODIA)

**14 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମର ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ କୁମାର ଭାସ୍କରବର୍ମା ସେତୁର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀର ସେବାତୀର୍ଥରେ ଏଣିକି ଅନୁଷ୍ଠିତ ହେବ କ୍ୟାବିନେଟ୍ ବୈଠକ, କହିଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ

- ସି-ବକ୍ସ କେନ୍ଦ୍ରୀୟ ପୋର୍ଟାଲ୍‌ରେ ବହୁ କର୍ମସଂସ୍ଥାନ ପଞ୍ଜୀକରଣ କରିଥିବା ସୂଚନା ଦେଲେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

- କ୍ୱାଣ୍ଟମ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଟେଲିମାଟିକ୍ସ ବିକାଶ କେନ୍ଦ୍ର ସ୍ୱାକ୍ଷର କଲା ବୁଝାମଣାପତ୍ର

ଏବଂ

- ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍ ଆୟାରଲ୍ୟାଣ୍ଡ ଏବଂ ଓମାନ୍ ମଧ୍ୟରେ ଜାରି ।

---

## ପିଏମ୍-ଛାବୁଆ ଏୟାରବେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଡିବ୍ରୁଗଡ଼ ଜିଲ୍ଲାସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ବିକଶିତ ମୋରାନ୍ ବାଇପାସ୍‌ରେ ଆଜି ଜରୁରୀକାଳୀନ ଅବତରଣ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି । ଆସାମକୁ

ଦିନିକିଆ ଗସ୍ତ ଅବସରରେ ଶ୍ରୀ ମୋଦୀ ପୂର୍ବାହ୍ନରେ ସେଠାରେ ଅବତରଣ କରିବା ସହ ଲଢୁଆ ଏବଂ ପରିବହନ ବିମାନ ଓ ହେଲିକପ୍ଟର ଆଦିର ଆକାଶମାର୍ଗରେ ଉଡ଼ାଣ କୌଶଳକୁ ନିରୀକ୍ଷଣ କରିଛନ୍ତି । ଏଥିରେ ବାୟୁସେନାର ସୁଖୋଇ  SU 30MKI, ରାଫେଲ, AN-31, ତେଜସ ଏବଂ ଆଧୁନିକ ହାଲୁକା ହେଲିକପ୍ଟର ଅଂଶ ଗ୍ରହଣ କରିଥିଲେ । ଉତ୍ତର-ପୂର୍ବ ଅଞ୍ଚଳରେ ଜରୁରୀ ସମୟରେ ସାମରିକ ଓ ବେସାମରିକ ବିମାନ ଅବତରଣ ତଥା ଉଡ଼ାଣକୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଜରୁରୀକାଳୀନ ଅବତରଣ ବ୍ୟବସ୍ଥା କରାଯାଇଛି । ଭାରତୀୟ ବାୟୁସେନା ସହିତ ସମନ୍ୱୟ ରକ୍ଷା କରାଯାଇ ଏହାର ନକ୍ସା ପ୍ରସ୍ତୁତ କରାଯିବା ସହ ନିର୍ମାଣ ମଧ୍ୟ ହୋଇଛି । ଦିବ୍ରୁଗଡ଼ଠାରୁ ଶ୍ରୀ ମୋଦୀ ଗୁଆହାଟୀ ଅଭିମୁଖେ ଯାତ୍ରା କରିଛନ୍ତି । ସେଠାରେ ୫ ହଜାର ୪୫୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି ।

୩ ହଜାର କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁର ପ୍ରଧାନମନ୍ତ୍ରୀ ଆଜି ଉଦ୍‌ଘାଟନ କରିଛନ୍ତି । ଗସ୍ତ ଅବସରରେ ଶ୍ରୀ ମୋଦୀ କାମରୂପ ଜିଲ୍ଲାର ଅମିନୀ ଗାଓଁଠାରେ IIM ଗୁଆହାଟୀର ଅସ୍ଥାୟୀ କ୍ୟାମ୍ପସ୍ ଏବଂ ଉତ୍ତର-ପୂର୍ବ କ୍ଷେତ୍ର ପାଇଁ ଜାତୀୟ ତଥ୍ୟ କେନ୍ଦ୍ରକୁ  ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ଶ୍ରୀ ମୋଦୀ ଲାଚିତ୍ ଘାଟକୁ ମଧ୍ୟ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଦେଶର ୪ଟି ସହର ପାଇଁ ଉଦ୍ଦିଷ୍ଟ ପି.ଏମ୍. ଇ-ବସ୍ ଯୋଜନାର ଶ୍ରୀ ମୋଦୀ ଆଜି ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ୨୨୫ଟି ବୈଦ୍ୟୁତିକ ବସ୍ ଚଳାଚଳ କରିବ । ସେଥିମଧ୍ୟରେ ଗୁଆହାଟୀ ପାଇଁ ୧୦୦ଟି, ନାଗପୁର ଓ ଭାବନଗର ପାଇଁ ୫୦ଟି ଲେଖାଏଁ ଓ ଚଣ୍ଡୀଗଡ଼ ପାଇଁ ୨୫ଟି ବସ୍ ରହିଛି । ଗୁଆହାଟୀଠାରେ ଦଳୀୟ କର୍ମୀଙ୍କ ଏକ ବୁଥ୍ ସମ୍ମିଳନୀକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## କ୍ୟାବିନେଟ୍ ବ୍ରିଫିଙ୍ଗ୍

ଏଣିକି କ୍ୟାବିନେଟ୍ ବୈଠକ ଗୁଡ଼ିକ ସେବାତୀର୍ଥଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି, ସାଉଥ୍ ବ୍ଲକ୍‌ରେ ଗତକାଲି ଶେଷ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଏକ ସଂକଳ୍ପ ଗୃହୀତ ହୋଇଛି । ଭାରତୀୟଙ୍କୁ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିବା ପାଇଁ ତତ୍କାଳୀନ ବ୍ରିଟିଶ ସାଉଥବ୍ଲକ୍ ଏବଂ ନର୍ଥ୍ ବ୍ଲକ ନିର୍ମାଣ କରିଥିଲେ । ସ୍ୱାଧୀନତା ପରେ ସାଉଥ୍ ବ୍ଲକରେ ଅନେକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେ କହିଛନ୍ତି, ଡିଜିଟାଲ ଇଣ୍ଡିଆ ଏବଂ ଜିଏସଟି ଭଳି ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ ଦେଶରେ ସର୍ବନିମ୍ନ ସରକାର-ସର୍ବାଧିକ ଶାସନ ପଦ୍ଧତିକୁ ପ୍ରେରଣା ପ୍ରଦାନ କରିଆସିଛି । ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ଅପରେସନ ସିନ୍ଦୂର ଭଳି ବହୁ

ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ସାଉଥ୍ ବ୍ଲକରେ ଗ୍ରହଣ କରାଯାଇଥିଲା ବୋଲି ସେ କହିଛନ୍ତି ।

ଉତ୍ତର ଓ ଦକ୍ଷିଣ ବ୍ଲକ ଆଗକୁ ଯୁଗଯୁଗୀନ ଭାରତ ସଂଗ୍ରହାଳୟର ଏକ ଅଂଶ ବିଶେଷ ହୋଇ ରହିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ଡବ୍ଲୁସିଡି-ସିବକ୍ସ

ଦେଶର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କୁ ସମାନ କାର୍ଯ୍ୟ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି । ନୂଆଦିଲ୍ଲୀର କର୍ମକ୍ଷେତ୍ରରେ ମହିଳା ସୁରକ୍ଷା ସଂପର୍କିତ ଜାତୀୟ ସମ୍ମିଳନୀକୁ ସମ୍ବୋଧନ କରି ମନ୍ତ୍ରୀ କହିଛନ୍ତି, ସିବକ୍ସ ପୋର୍ଟାଲ୍ ମହିଳାଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ ଅଭିଯୋଗ ପଞ୍ଜୀକରଣ କରିବା ସରଳ କରିପାରିଛି । ଏହି କେନ୍ଦ୍ରୀୟ ପୋର୍ଟାଲ୍‌ରେ ବହୁ କର୍ମସଂସ୍ଥାନ ପଞ୍ଜୀକରଣ କରିଥିବା ସେ କହିଛନ୍ତି ।  ବିକଶିତ ଭାରତ ଲକ୍ଷ୍ୟ ହାସଲ ଯାତ୍ରାରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି ।

ଏହି ଅବସରରେ ଉଜ୍ଜ୍ୱଳା ଯୋଜନା, ମୁଦ୍ରା ଯୋଜନା ଏବଂ ଅନ୍ୟାନ୍ୟ ମହିଳା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଲୋକପାତ କରିଛନ୍ତି । **V/O**

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗୁଡ଼ିକ ଉପରେ ଆଲୋଚନା କରାଯାଉଛି ।

ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ସିଡିଓଟି ଏଗ୍ରିମେଣ୍ଟ୍

ଦେଶରେ କ୍ୱାଣ୍ଟମ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଟେଲିମେଟିକ୍ସ ବିକାଶ କେନ୍ଦ୍ର-C-DOT ସିନର୍ଜି କ୍ୱାଣ୍ଟମ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଯୋଗାଯୋଗ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ୍ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ସହିତ ଦେଶର ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଏହି ବୁଝାମଣାପତ୍ର ଆଧାରରେ କମ୍ପ୍ୟୁଟିଙ୍ଗ୍ ଡିଭାଇସ୍ ଗୁଡ଼ିକରେ କ୍ୱାଣ୍ଟମ୍ ଭର୍ଣ୍ଣେରେବଲ୍ କ୍ରିପ୍ଟୋଗ୍ରାଫିକ୍ ଆଲ୍‌ଗୋରିଦମ୍ ଚିହ୍ନଟ କରିବା ପାଇଁ ମିଳିତ ଭାବେ ଏକ ସ୍ୱୟଂଚାଳିତ ଉପକରଣର ବିକାଶ କରାଯିବ । ଟେଲିମେଟିକ୍ସ ବିକାଶ କେନ୍ଦ୍ର C-DOT ଏ ସଂପର୍କରେ ସୂଚନା ଦେଇ କହିଛି, ଏହି ବିକଶିତ ଉପକରଣ ବ୍ୟବହାର ମାଧ୍ୟମରେ କ୍ରିପ୍ଟୋଗ୍ରାଫିକ୍ ଆଲ୍‌ଗୋରିଦମ୍ ଏବଂ ସୁରକ୍ଷା ଯନ୍ତ୍ରପାତି ଚିହ୍ନଟ କରିବା ପାଇଁ ସ୍ୱୟଂଚାଳିତ ଭାବେ ଡିଭାଇସ୍ ଗୁଡ଼ିକୁ ସ୍କାନ୍ କରାଯାଇ ପାରିବ । କ୍ୱାଣ୍ଟମ ସୁରକ୍ଷା ଏବଂ କ୍ୱାଣ୍ଟମ୍ ଭର୍ଣ୍ଣେରେବଲ୍ ଆଲ୍‌ଗୋରିଦମ୍ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଏହା

ସୂଚୀତ କରିପାରିବ । ଏହି ଅବସରରେ C-DOT କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ରାଜକୁମାର ଉପାଧ୍ୟାୟ କହିଛନ୍ତି, ଏହି ସହଭାଗିତା ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଆଧାରରେ ସ୍ୱଦେଶୀ ସମାଧାନ ବିକାଶ କ୍ଷେତ୍ରକୁ ଅଧିକ ସୁବ୍ୟବସ୍ଥିତ କରିପାରିବ ।

## ପିଏମ୍-ତାରିକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ବାଂଲାଦେଶ ନ୍ୟାସନାଲିଷ୍ଟ୍ ପାର୍ଟି ଅଧ୍ୟକ୍ଷ ତାରିକ୍ ରହମନ୍‌ଙ୍କ ସହ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀମୋଦୀ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ବାଂଲାଦେଶର ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ଶ୍ରୀ ରହମନ୍ ପଦକ୍ଷେପ ଗ୍ରହଣ କରିବେ । ବାଂଲାଦେଶ ନିର୍ବାଚନରେ ଉଲ୍ଲେଖନୀୟ ବିଜୟ ପାଇଁ ଶ୍ରୀ ମୋଦୀ ଏହି ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦୁଇଦେଶ ମଧ୍ୟରେ ଶାନ୍ତି, ପ୍ରଗତି ଓ ସମୃଦ୍ଧି ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ୱାର୍ଲ୍ଡ ଲିଡର୍ସ୍-ଇଣ୍ଡିଆ ଏଆଇ ସମିଟ୍

ଆସନ୍ତା ୧୬ ତାରିଖରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଡିଆ ଏ.ଆଇ. ଇମ୍ପାକ୍ଟ ସମିଟ୍ ୨୦୨୬ରେ ବିଶ୍ୱର ୨୦ଟି ଦେଶର ନେତୃବୃନ୍ଦ ଯୋଗଦେବେ । ଜନସାଧାରଣ, ଗ୍ରହ ଏବଂ ପ୍ରଗତି ଭଳି

ତିନୋଟି ସୂତ୍ରକୁ ନେଇ କୃତ୍ରିମ ବୁଦ୍ଧିମତା ସହଯୋଗରେ ଭାରତର ପଦକ୍ଷେପ ଉପରେ ଆଲୋକପାତ କରାଯିବ । ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦ, ନୀତି ନିର୍ଦ୍ଧାରକ, ନବସୃଜନତା ଏବଂ କୃତ୍ରିମ ବୁଦ୍ଧିବତା କ୍ଷେତ୍ରର ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇ ବିଶ୍ୱ ସ୍ତରରେ ଏହି କ୍ଷେତ୍ର ସମ୍ପର୍କିତ ପରବର୍ତ୍ତୀ ପଦକ୍ଷେପ ଉପରେ ଆଲୋଚନା କରିବେ ।

ସଂଯୁକ୍ତ ଆରବ ଏମିରେଟ୍‌ସର ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍‌ଙ୍କ ପକ୍ଷରୁ ଆବୁଧାବିର ଯୁବରାଜ ଖାଲେଦ୍ ବିନ୍ ମହମ୍ମଦ ଜାଏଦ୍ ଅଲ୍ ନାହ୍ୟାନ୍ ଏହି ସମ୍ମିଳନୀରେ ୟୁଏଇ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେବେ । ୟୁଏଇର ଅଂଶ ଗ୍ରହଣ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ସହିତ ନିରନ୍ତର ବିକାଶକୁ ଆଗେଇ ନେବାରେ ସହାୟକ ହେବ । ପ୍ରମୁଖ କ୍ଷେତ୍ରଗୁଡ଼ିକରେ ନବସୃଜନକୁ ତ୍ୱରାନ୍ୱିତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ସମାଧାନର ବ୍ୟବସ୍ଥାରେ ରଣନୈତିକ ସାଭଗିତାରେ ମଧ୍ୟ ଏହା ପ୍ରୋତ୍ସାହନ ପ୍ରଦାନ କରିବ । ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୦୦ରୁ ଅଧିକ ଦେଶର ରାଷ୍ଟ୍ରମୁଖ୍ୟ, ସରକାରୀ ପ୍ରତିନିଧି, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞ ଅଂଶ ଗ୍ରହଣ କରିବେ । କୃତ୍ରିମ ବୁଦ୍ଧିମତ୍ତା ପାଇଁ ରଣନୈତିକ ପ୍ରାଥମିକତା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ଦିଗରେ ସରକାରୀ ଏବଂ ଘରୋଇ ମିଳିତ ସହଭାଗିତା ବୃଦ୍ଧି ଉପରେ ଏହି ସମ୍ମିଳନୀରେ ବିଶେଷ ଆଲୋଚନା ବୈଠକମାନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

# ପୋଷ୍ଟ ଏଇଟ୍ ଷ୍ଟାମ୍ପସ

ଦେଶର କଣ୍ଢେଇନାଚ ପରମ୍ପରା ଉପରେ ଆଧାରିତ ୮ଟି ସ୍ମାରକୀ ଡାକଟିକଟକୁ ଡାକ ବିଭାଗ ପକ୍ଷରୁ ଆଜି ଉନ୍ମୋଚନ କରାଯାଇଛି । ଦେଶର ସମୃଦ୍ଧ ଏବଂ ବିବିଧ କଣ୍ଢେଇ ପରମ୍ପରାକୁ ଏହା ପ୍ରତିପାଦନ କରୁଛି । ବିଭାଗୀୟ ସଚିବ ବନ୍ଦୀତା କୌର୍ ନୂଆଦିଲ୍ଲୀଠାରେ ଆଜି ଏ କ୍ଷେତ୍ରରେ କାର୍ଯ୍ୟରତ କଳାକାର ଏବଂ ଅଂଶୀଦାରଙ୍କ ଉପସ୍ଥିତିରେ ଏହି ଡାକଟିକଟ ଉନ୍ମୋଚନ କରିଛନ୍ତି। ସେ କହିଛନ୍ତି,  ଡାକ ଟିକଟ ହେଉଛି ଦେଶର ଐତିହ୍ୟ ପ୍ରସାରର ଏକ ମାଧ୍ୟମ ଏବଂ ଏହି ସ୍ୱତନ୍ତ୍ର ଡାକଟିକଟଗୁଡ଼ିକ ପରବର୍ତ୍ତୀ ପିଢ଼ିକୁ ଦେଶର ଲୋକକଥା ଓ ମୂଲ୍ୟବୋଧ ସଂପର୍କରେ ପ୍ରେରଣା ପ୍ରଦାନ କରିବ । ଏହି ଡାକଟିକଟ ଗୁଡ଼ିକ ମଧ୍ୟରେ ଓଡ଼ିଶାର କାଠିକଣ୍ଢେଇ ଏବଂ ରାବଣ ଛାୟା, ରାଜସ୍ଥାନର କାଠ୍‌ପୁତୁଲୀ, କର୍ଣ୍ଣାଟକର ଯକ୍ଷଗଣା ସୂତ୍ରଦା ଗୋମ୍ବେୟାତା, ପଶ୍ଚିମବଙ୍ଗର ଦାଙ୍ଗେର ପୁତୁଲ ଓ ବେନିରପୁତୁଲ, କେରଳର ପାଭକଥ୍‌କଲି ଏବଂ ଆନ୍ଧ୍ରପ୍ରଦେଶର ତୋଲୁବୋମ୍‌ଲାକା ଆଦି ରହିଛି ।

# ଟି-୨୦ କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍ ଜାରି ରହିଛି । କଲମ୍ବୋଠାରେ ଚାଲିଥିବା ଏହି

ମ୍ୟାଚ୍‌ରେ ଆୟାରଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଓ୍ୱିକେଟ୍ ବିନିମୟରେ ୨୩୫ ରନ୍ ସଂଗ୍ରହ କରିଛି । ୨୩୬ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଓମାନ୍ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୯ ଓଭର୍‌ରେ ୨ ଓ୍ୱିକେଟ୍ ବିନିମୟରେ ୭୬ ରନ୍ ସଂଗ୍ରହ କରିଥିଲା ।

ଅପରାହ୍ନ ୩ଟାରେ କୋଲ୍‌କାତାଠାରେ ଇଂଲଣ୍ଡ ଓ ସ୍କଟ୍‌ଲ୍ୟାଣ୍ଡ ମଧ୍ୟରେ ଏବଂ ଅହମ୍ମଦାବାଦଠାରେ ସନ୍ଧ୍ୟା ୭ଟାରେ ନିଉଜିଲ୍ୟାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ ।